# 'ସଂସ୍କୃତି ବିହାର'ର ସୁବର୍ଣ୍ଣ ଜୟନ୍ତୀ

• ରଣଧୀର ଦାସ

କଟକ ସହର ଏକ ହଜାର ବର୍ଷର ଏକ ପ୍ରାଚୀନ ସାଂସ୍କୃତିକ ସହର । ଦୀର୍ଘ ବର୍ଷ ଧରି କଟକର ବିଭିନ୍ନ ସ୍ଥାନରେ ପ୍ରତିବର୍ଷ ପର୍ବପର୍ବାଣୀ ସମୟରେ ନାଟକ, ନୃତ୍ୟ ଆୟୋଜିତ ହୋଇଥାଏ । ଅନୁଷ୍ଠାନର ବରିଷ୍ଠ ଓ କନିଷ୍ଠ କର୍ମକର୍ତ୍ତାମାନଙ୍କର ଆନ୍ତରିକ ସହଯୋଗ ଓ ଉଦ୍ୟମ ଫଳରେ କାର୍ଯ୍ୟକ୍ରମ ସଫଳତା ପାଇଥାଏ । ପ୍ରତି ଅନୁଷ୍ଠାନର କେତେକ ବରିଷ୍ଠ ଉପଦେଷ୍ଟା ଥାଆନ୍ତି । ଯେଉଁମାନଙ୍କର ଓଡ଼ିଶାର ସଂସ୍କୃତି ସମ୍ପର୍କରେ ଅଭିଜ୍ଞତା ଥାଏ । ଓଡ଼ିଶାର ବିଭିନ୍ନ ସହରରେ ପ୍ରତିବର୍ଷ ବିଭିନ୍ନ ପର୍ବପର୍ବାଣୀରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥାଏ । ସାଂସ୍କୃତିକ କାର୍ଯ୍ୟକ୍ରମ ଅୟୋଜିତ ହେବାରେ ଓଡ଼ିଶାରେ କଟକ ସହରର ପ୍ରମୁଖ ଭୂମିକା ରହିଛି ।

ଅତୀତରେ ପାଲା, ଦାସକାଠିଆ, ନାଟକ ପ୍ରଭୃତି ଆୟୋଜିତ ହେଉଥିଲା ଏବଂ ଉପସ୍ଥିତ ଦର୍ଶକମାନେ ତାହା ଆନନ୍ଦରେ ଉପଭୋଗ କରୁଥିଲେ । ଅତୀତରେ କଟକରେ ଅନ୍ନପୂର୍ଣ୍ଣା ବି ଗ୍ରୁପ ଏବଂ ଜନତା ଥିଏଟରରେ ନିୟମିତ ନାଟକ ମଞ୍ଚସ୍ଥ ହେଉଥିଲା ଏବଂ ତାହା ଦର୍ଶକମାନଙ୍କୁ ଆକର୍ଷିତ କରୁଥିଲା । ଓଡ଼ିଶାରେ ପ୍ରମୁଖ ସହରରେ ପ୍ରତିବର୍ଷ ବିଶ୍ୱନାଟ୍ୟ ଦିବସ ଅବସରରେ ନାଟକ ମଞ୍ଚସ୍ଥ ହେଉଛି ।

ଓଡ଼ିଶାର ଅନ୍ୟତମ ପ୍ରଚୀନ ସାଂସ୍କୃତିକ ଅନୁଷ୍ଠାନ 'ସଂସ୍କୃତି ବିହାର' ଦୀର୍ଘ ୫୦ ବର୍ଷଧରି କେବଳ କଟକ ନୁହେଁ, ଓଡ଼ିଶାର ବିଭିନ୍ନ ସହର ଓ ଭାରତର ବିଭିନ୍ନ ରାଜ୍ୟରେ ମଧ୍ୟ ନାଟକ ମଞ୍ଚସ୍ଥ କରି ଖ୍ୟାତି ଅର୍ଜନ କରିଛି । 'ସଂସ୍କୃତି ବିହାର' କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନରେ ମଧ୍ୟ ପ୍ରସାରିତ ହୋଇ ଲୋକପ୍ରିୟ ହୋଇଛି । ସରକାରୀ ଅନୁଷ୍ଠାନ ଏବଂ ଅନ୍ୟାନ୍ୟ ସଂସ୍ଥା ଏହି କାର୍ଯ୍ୟକ୍ରମକୁ ସହାୟତା କରିଛନ୍ତି ।

ପ୍ରତିବର୍ଷ ବାଲିଯାତ୍ରାରେ ସଂସ୍କୃତି ବିହାର ଗଣକବି ବୈକୁଣ୍ଠ ପାଣିଙ୍କ ନାଟକ ମଞ୍ଚସ୍ଥ କରନ୍ତି । ଏହି ନାଟକ କଟକ ପ୍ରାଚୀନ ବାରବାଟି ଦୁର୍ଗ ପରିସରରେ ମଞ୍ଚସ୍ଥ ହୋଇଥାଏ । ୧୯୬୬ କାର୍ତ୍ତିକ ପୂର୍ଣ୍ଣିମା ଦିନ ନାଟକ 'ବିରାଟ ଗୋଧନ ହରଣ' ମଞ୍ଚସ୍ଥ ହୋଇଥିଲା । ୩ ଘଣ୍ଟା ବ୍ୟାପୀ ଏହି ନାଟକ ପ୍ରସ୍ତୁତି ପଛରେ ଗୁରୁ ଧୀରେନ୍ ଦାଶଙ୍କର ଅବଦାନ ଥିଲା । ପ୍ରତିବର୍ଷ ବାଲିଯାତ୍ରାରେ ଆୟୋଜିତ ଏହି ଉତ୍ସବରେ ହଜାର ହଜାର ନାଟ୍ୟପ୍ରେମୀ ଦର୍ଶକ ଉପସ୍ଥିତ ରହି ନାଟକକୁ ଉପଭୋଗ କରନ୍ତି ।

ଗୀତିନାଟ୍ୟ ଆୟୋଜନ କରିବା ନିଶ୍ଚିତ ଭାବରେ ସହଜ ନୁହେଁ । ସଂସ୍କୃତି ବିହାର ଦୀର୍ଘ ୫୦ ବର୍ଷ ଧରି ଶ୍ରୀ ନାରାୟଣ ସିଂହ ଙ୍କ ଓ ଅନ୍ୟାନ୍ୟ ସହଯୋଗୀ, ଉପଦେଷ୍ଟା ମାନଙ୍କ ସହଯୋଗରେ ନାଟକ ମଞ୍ଚସ୍ଥ କରୁଥିବା ଆନନ୍ଦର ବିଷୟ । ସଂସ୍କୃତି ବିହାର ଦ୍ୱାରା ଆୟୋଜିତ ୨୦୧୨-୧୩ ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଇଁ ମୁଁ ଆନ୍ତରିକ ଅଭିନନ୍ଦନ ଜଣାଉଛି । ଏହି ଅନୁଷ୍ଠାନ ନାଟକ ମଞ୍ଚସ୍ଥ କରି ଅଧିକ ପ୍ରଶଂସା ଅର୍ଜନ କରୁ ଏହା ହିଁ କାମନା କରୁଛି ।

*ସଂପାଦକ, 'ଜୀବନରଙ୍ଗ', ଜୀବନରଙ୍ଗ ଭବନ, ଷ୍ଟୋନି ରୋଡ଼, କଟକ*